# ରାମଚନ୍ଦ୍ର ମହାନ୍ତ

ଜନ୍ମ- ୧୯୪୪ ମସିହା

ପ୍ରାବନ୍ଧିକ ରାମଚନ୍ଦ୍ର ମହାନ୍ତ ଭୁବନେଶ୍ୱରସ୍ଥ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଏ.ଜି. ଅଫିସ୍‌ର ଗେଗେଟେଡ୍ ପାହ୍ୟାର ଜଣେ ଅବସର ପ୍ରାପ୍ତ କର୍ମଚାରୀ ଅଟନ୍ତି । ଛାତ୍ରାବସ୍ଥାରୁ ସାହିତ୍ୟ ପ୍ରତି ତାଙ୍କର ଆଗ୍ରହ ରହିଛି । ତାଙ୍କର କବିତା, କ୍ଷୁଦ୍ରଗଳ୍ପ, ପ୍ରବନ୍ଧ ଓ ସମାଲୋଚନାମୂଳକ ଲେଖାସବୁ ବିଭିନ୍ନ ସମୟରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକ ମହଲରେ ଆଦୃତ ଲାଭ କରିଛି ।

**ଭଗବାନ ବୁଦ୍ଧ,** ପୃଷ୍ଠା-୧୭୪, ପ୍ରକାଶକାଳ-୨୦୧୧,   ମୂଲ୍ୟ:୧୫୦ ଟଙ୍କା ।

ଭାରତ ବର୍ଷ ଯଦି ବିଶ୍ୱରେ ନିଜର ପରିଚୟ ପାଇଛି, ତେବେ ମହାମାନବ ଭଗବାନ ଗୌତମ ବୁଦ୍ଧଙ୍କ ପାଇଁ । ଭାରତୀୟ ଜନ ଜୀବନ ଓ ସଭ୍ୟତା, ସଂସ୍କୃତି ଉପରେ ବୌଦ୍ଧ ବିଚାରର ଗଭୀର ପ୍ରଭାବ ପଡ଼ିଛି । ଆଜି ଦୁଇ ହଜାର ଛଅ ଶହ ବର୍ଷ ପରେ ମଧ୍ୟ ପୃଥିବୀର ଅନେକ ଦେଶରେ ବୁଦ୍ଧ ତଥା ବୌଦ୍ଧଧର୍ମର ପ୍ରଭାବ ସ୍ପଷ୍ଟ ଭାବରେ ଦେଖିବାକୁ ମିଳୁଛି । ବୁଦ୍ଧଙ୍କ ବ୍ୟକ୍ତିତ୍ୱ ଏତେ ଅସାଧାରଣ ଥିଲା ଯେ, ତାଙ୍କ ଜୀବନ ଓ ଚରିତ୍ର ଭାରତ ଇତିହାସରେ ଏକ ଅଲିଭା ସ୍ଥାନ ସୃଷ୍ଟି କରିପକାଇଛି । ତତ୍କାଳୀନ ସମାଜରେ ସ୍ୱେଚ୍ଛାଚାର ଓ ସ୍ୱାର୍ଥସମ୍ୱଳିତ ଧର୍ମର ବିଲୋପ ପାଇଁ ତଥା ବିଳାସ-ବ୍ୟସନର କ୍ଷଣିକ ସୁଖର ଅସାରତା ପ୍ରତିପାଦନ କରି ଅନିର୍ବଚନୀୟ ଶାଶ୍ୱତ ସୁଖମାର୍ଗର ଦ୍ୱାର ଉନ୍ମୁକ୍ତ କରିବା ପାଇଁ ଭାରତଭୂମିରେ ତାଙ୍କର ଆବିର୍ଭାବ ହୋଇଥିଲା । ସେ ଥିଲେ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ, ଜ୍ଞାନର ସୁବିସ୍ତୃତ ସମୁଦ୍ର, ପ୍ରେମର ଅସରନ୍ତି ଭଣ୍ଡାର ଏବଂ ଆଦର୍ଶର ଜୀବନ୍ତ ପ୍ରତିମୂର୍ତ୍ତି । ଭଗବାନ ବୁଦ୍ଧ କୌଣସି ନୂତନ ଧର୍ମର ପ୍ରବର୍ତ୍ତକ ନଥିଲେ । ସେ ଜଣେ ମହାନ୍ ସନ୍ଥ ଥିଲେ ।

ଏହି ପୁସ୍ତକଟିରେ ଏପରି କିଛି ପ୍ରବନ୍ଧ ସନ୍ନିବେଶିତ କରାଯାଇଛି, ଯେଉଁଗୁଡ଼ିକ ବୁଦ୍ଧଙ୍କ ଜୀବନୀ ଉପରେ ଆଧାରିତ ନ ହୋଇ ତାଙ୍କରର ଭାବଧାର ଓ ଦର୍ଶନକୁ ଗୁରୁତ୍ୱ ପ୍ରଦାନ କରିଅଛି । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷର ସମସ୍ତ ପାଠକମାନଙ୍କ ଦ୍ୱାରା ପୁସ୍ତକଟି ଆଦୃତ ହୋଇପାରିବ ।